# ତହସିଲଦାରଙ୍କ କାର୍ଯ୍ୟାଳୟ ଧରାକୋଟ (ଗଞ୍ଜାମ)

ବିଜ୍ଞପ୍ତି ସଂଖ୍ୟା: ୭୩୫/ସୈରାତ ତା : ୦୩.୦୩.୨୦୨୨ ରିଖ

## ଲଘୁ ଖଣିଜ ଦ୍ରବ୍ୟ ଦୀର୍ଘ ମିଆଦି ଲିଜ୍ ନିମନ୍ତେ ନିଲାମ ବିଜ୍ଞାପନ

ଏତଦ୍ବାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ଓଡ଼ିଶା ସରକାରଙ୍କ ରାଜସ୍ୱ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧିନସ୍ଥ ଧରାକୋଟ ତହସିଲ ଅନ୍ତର୍ଗତ ୨ (ନଅ) ଗୋଟି ଲଘୁ ଖଣିଜ ନିର୍ମାଣ ପଥର ,ବାଲି ଓ ମୁରୁମ ଖାଦାନ **5 ବର୍ଷ** ନିମନ୍ତେ ଦୀର୍ଘମିଆଦି ଲିଜ୍ ସଂଲଗ୍ନ ବିବରଣୀ ମୁତାବକ ପ୍ରଦାନ କରାଯିବା ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଇଚ୍ଛୁକ ବ୍ୟକ୍ତି ବିଶେଷ OMMC Rules, 2016 ର Form –M ପୂରଣ କରି ଏହାର ତିନି କପି (Three Copies) ସହ ଅପର ପାର୍ଶ୍ବରେ (Next page) ଉଲ୍ଲେଖିତ ଦଲିଲ ଦସ୍ତାବିଜ ସଂଲଗ୍ନ କରି ଜଉମୁଦ (Sealed Cover) ରେ ଆବେଦନ କରିବେ ଯାହାକି ତହସିଲ କାର୍ଯ୍ୟାଳୟ, ଧରାକୋଟ ରେ କେବଳ ରେଜିଷ୍ଟ୍ରି ଡାକ ବା ସ୍ପିଡ୍ ପୋଷ୍ଟ ଦ୍ବାରା ଗ୍ରହଣ କରାଯିବ କିମ୍ବା ତହସିଲ କାର୍ଯ୍ୟାଳୟରେ ଜଉମୁଦ ଦିଆ ଟେଣ୍ଡର ବକ୍ସରେ ଭର୍ତିକରିପାରିବେ । **ତା. 04. 03. 2022 ରିଖ ରୁ ତା. 22. 03. 2022 ରିଖ ପର୍ଯ୍ୟନ୍ତ ଯେ କୌଣସି କାର୍ଯ୍ୟଦିବସରେ ଅପରାହ୍ନ 2:00** ଭିତରେ ଦରଖାସ୍ତ ଗ୍ରହଣ କରାଯିବ । ଲଫାଫା ଉପରେ ସୈରାତ ଉତ୍ସର ନାମ ଉଲ୍ଲେଖ ରହିବା ଏକାନ୍ତ ଆବଶ୍ୟକ । ଧାର୍ଯ୍ୟ ତାରିଖ ଓ ସମୟ ପରେ ପ୍ରାପ୍ତ ଦରଖାସ୍ତକୁ ବିଚାରକୁ ନିଆଯିବ ନାହିଁ । ଅସମ୍ପୂର୍ଣ୍ଣ ଦରଖାସ୍ତକୁ ବାତିଲ କରାଯିବ । କୌଣସି କାରଣ ନ ଦର୍ଶାଇ ଲିଜକୁ ସ୍ଥଗିତ ବା ରଦ୍ଦ କରିବାର କ୍ଷମତା ନିମ୍ନସ୍ବାକ୍ଷରକାରୀଙ୍କର ଅଛି । **ଲିଜ୍ ଆବେଦନ ପାଇଁ ଦରଖାସ୍ତ /Sealed Tender ଗ୍ରହଣର ଶେଷ ତାରିଖ 22.03.2022 ଅପରାହ୍ନ 2:00 ଘଟିକା ଅଟେ ।**

ଯଦି କୌଣସି ସୈରାତ ଉତ୍ସ ଉପରୋକ୍ତ ଦିବସରେ ନିଲାମ ନ ହୋଇପାରେ ତେବେ ସେହି ସଇରାତ ଉତ୍ସ ପାଇଁ ଇଚ୍ଛୁକ ବ୍ୟକ୍ତି ବିଶେଷ OMMC Rules, 2016 ର Form –M ପୂରଣ କରି ଏହାର ତିନି କପି (Three Copies) ସହ ଉଲ୍ଲେଖିତ ଦଲିଲ ଦସ୍ତାବିଜ ସଂଲଗ୍ନ କରି ତା **30.03.2022** ରିଖ ଅପରାହ୍ନ **2:00** ଘଟିକା ପର୍ଯ୍ୟନ୍ତ ପୁନର୍ବାର **Registered Post / Speed Post** ଯୋଗେ ତହସିଲ ଠିକଣାରେ ପଠାଇବାକୁ ହେବ କିମ୍ବା ତହସିଲ କାର୍ଯ୍ୟାଳୟରେ ଜଉମୁଦ ଦିଆ ଟେଣ୍ଡର ବକ୍ସରେ ଭର୍ତିକରିପାରିବେ ।

ଯଦି କୌଣସି ସୈରାତ ଉତ୍ସ ଉପରୋକ୍ତ ଦିବସରେ ପୂନର୍ବାର ନିଲାମ ନ ହୋଇପାରେ ତେବେ ସେହି ସଇରାତ ଉତ୍ସ ପାଇଁ ଇଚ୍ଛୁକ ବ୍ୟକ୍ତି ବିଶେଷ OMMC Rules, 2016 ର Form –M ପୂରଣ କରି ଏହାର ତିନି କପି (Three Copies) ସହ ଉଲ୍ଲେଖିତ ଦଲିଲ ଦସ୍ତାବିଜ ସଂଲଗ୍ନ କରି ତା **08.04.2022** ରିଖ ଅପରାହ୍ନ **2:00** ଘଟିକା ପର୍ଯ୍ୟନ୍ତ ପୁନର୍ବାର **Registered Post / Speed Post** ଯୋଗେ ତହସିଲ ଠିକଣାରେ ପଠାଇବାକୁ ହେବ କିମ୍ବା ତହସିଲ କାର୍ଯ୍ୟାଳୟରେ ଜଉମୁଦ ଦିଆ ଟେଣ୍ଡର ବକ୍ସରେ ଭର୍ତିକରିପାରିବେ ।

03.03.22

ଠିକଣା

ତହସିଲଦାର, ଧରାକୋଟ
ଗାମ/ ପୋଷ୍ଟ-ଧରାକୋଟ
ଜିଲ୍ଲା-ଗଞ୍ଜାମ (ଓଡ଼ିଶା)
**ପିନ-761107**

ନିମ୍ନ ନିଲାମ ସୂଚୀ ଅନୁଯାୟୀ ଦରଖାସ୍ତକାରୀ ବା ତାଙ୍କ କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଉପସ୍ଥିତିରେ Sealed Tender ଖୋଲାଯାଇ ସର୍ବୋଚ୍ଚ ବା ସର୍ବାଧିକ ଅତିରିକ୍ତ ମୂଲ୍ୟ(Additional Charge) ଦର୍ଶାଉଥିବା ଦରଖାସ୍ତକାରୀଙ୍କୁ ଯଦି ଆନୁସଙ୍ଗିକ କାଗଜାତ/ ଦଲିଲ ଓ ଅନ୍ୟାନ୍ୟ ସର୍ତ୍ତାବଳୀ ଠିକ୍ ଥିବ ତେବେ ତାଙ୍କୁ ଯୋଗ୍ୟ ବିବେଚିତ କରାଯିବ । ଏକାଧିକ ବ୍ୟକ୍ତି ସମ୍ପୃକ୍ତ ଖାଦାନ ପାଇଁ ସମାନ ଅତିରିକ୍ତ ମୂଲ୍ୟ ଦର୍ଶାଇଥିଲେ ଲଟେରି ମାଧ୍ୟମରେ ସଫଳ ନିଲାମଧାରୀଙ୍କୁ ସ୍ଥିର କରାଯିବ ।

ସୂଚୀ

| କ୍ର.ସଂ. | ଟେଣ୍ଡର ଦରଖାସ୍ତ ଖୋଲା ହେବାର କାର୍ଯ୍ୟ ନିର୍ଘଣ୍ଟ | | |
|---|---|---|---|
| | ଦରଖାସ୍ତ ଗ୍ରହଣ କରିବାର ଶେଷ ତାରିଖ ଓ ସମୟ | ଟେଣ୍ଡର ଦରଖାସ୍ତ ଖୋଲା ହେବାର ତାରଖ ଓ ସମୟ | ସ୍ଥାନ |
| 1 | **22.03.2022**<br>ଅପରାହ୍ନ **2:00** ଘଟିକା<br>**(2:00 PM)** | **22.03.2022**<br>ଅପରାହ୍ନ **2:00** ଘଟିକା<br>**(2:00 PM)** | ତହସିଲ କାର୍ଯ୍ୟାଳୟ, ଧରାକୋଟ |
| 2 | **30.03.2022**<br>ଅପରାହ୍ନ **2:00** ଘଟିକା<br>**(2:00 PM)** | **30.03.2022**<br>ଅପରାହ୍ନ **2:00** ଘଟିକା<br>**(2:00 PM)** | ତହସିଲ କାର୍ଯ୍ୟାଳୟ, ଧରାକୋଟ |
| 3 | **08.04.2022**<br>ଅପରାହ୍ନ **2:00** ଘଟିକା<br>**(2:00 PM)** | **08.04.2022**<br>ଅପରାହ୍ନ **2:00** ଘଟିକା<br>**(2:00 PM)** | ତହସିଲ କାର୍ଯ୍ୟାଳୟ, ଧରାକୋଟ |

ଏହି ସୈରାତ ଉପ ଲିଜ୍ ସମ୍ବନ୍ଧୀୟ ତଥ୍ୟ www.ganjam.nic.in (website) ରେ ଉପଲବ୍ଧ ହେବ । ଏହା ବ୍ୟତୀତ ଏଥି ସମ୍ବନ୍ଧୀୟ ସମସ୍ତ ବିବରଣୀ ଓ ଅନ୍ୟାନ୍ୟ ନିୟମାବଳୀ ତହସିଲ କାର୍ଯ୍ୟାଳୟ, ଧରାକୋଟ ରୁ ସରକାରୀ କାର୍ଯ୍ୟ ଦିବସରେ ଘ 10:00 ଟିକା ଠାରୁ ଘ 5:00 ଟିକା ପର୍ଯ୍ୟନ୍ତ ଉପଲବ୍ଧ ହେବ । ଇଚ୍ଛୁକ ବ୍ୟକ୍ତି ବିଶେଷ ଜଉମୁଦ ଲଫାଫା ଆବେଦନ ପତ୍ର ଗୁଡିକୁ ତହସିଲ କାର୍ଯ୍ୟାଳୟ, ଧରାକୋଟ ଠିକଣାରେ ପଠାଇବେ, ବା ଟେଣ୍ଡର ବକ୍ସରେ ଭର୍ତି କରିବେ, ନଚେତ ଏହା ସ୍ୱତଃ ନାକଚ ହୋଇଯିବ ।

03.03.22

**ଇଚ୍ଛୁକ ବ୍ୟକ୍ତି ବିଶେଷ OMMC Rules 2016 ପ୍ରକାରେ ନିର୍ଭୁଲ ଭାବରେ ଫର୍ମ –M ପୁରଣ କରି ଏବଂ ଦରଖାସ୍ତ କାରିଙ୍କଦ୍ୱାରା ଦସ୍ତଖତ କରି ଏହାର ତିନି କପି (Three Copies) ନିମ୍ନଲିଖିତ ଦଲିଲ କାଗଜ ସହ ଦାଖଲ କରିବାକୁ ହେବ**

1. ଦରଖାସ୍ତ ଫିସ ବାବଦକୁ ଟ୍ରେଜେରି ଚାଲାଣ ଟ. 1000/- (Non refundable) in Head of account -0853- Non- Ferrous Mining & Metallurgical Industries 102- Mineral Concession fees, Rent and Royalties.
2. ଲଘୁ ଖଣିଜ ନିୟମାବଳୀ 2016 ଆଧାରରେ, ଦରଖାସ୍ତକାରୀଙ୍କ ଉପରେ କୌଣସି ବକେୟା ଅର୍ଥ ପୈଠ କରିବାକୁ ନ ଥିବା ସମ୍ବନ୍ଧୀୟ ସତ୍ୟପାଠ ।
3. EMD ର ପ୍ରମାଣ ପତ୍ର ଯାହାକି ନୋଟିସ୍ (**Annexure-1**) ବର୍ଣ୍ଣିତ ସର୍ବନିମ୍ନ ସ୍ଥିରିକୃତ ପରିମାଣ (MGQ)ପୁରା ଏକ ବର୍ଷର ଅତିରିକ୍ତ ମୂଲ୍ୟ(Additional Charge) ଯୁକ୍ତ ଏକ ବର୍ଷର ରୟାଲିଟି ମୂଲ୍ୟର ଶତକଡା 5ରୁ କମ୍ ହୋଇନଥିବାର Demand Draft ଯାହାକି ତହସିଲଦାର, ଧରାକୋଟଙ୍କ ନାମରେ ହେବ ।

   (Proof of payment, i.e. Demand Draft in favour of Tahasildar Dharakote, of earnest money equivalent to five percent of the minimum amount of additional charges specified in the notice and the amount of royalty, both calculated on the basis of minimum guaranteed quantity for one whole year for the minimum guaranteed quantity of minor mineral to be extracted in one full year.)
4. ରାଜସ୍ୱ ଅଧିକାରୀଙ୍କ ଠାରୁ ପ୍ରାପ୍ତ ସଲଭେନ୍ସି ସାର୍ଟିଫିକେଟ୍ ବା ବ୍ୟାଙ୍କ ଗ୍ୟାରେଣ୍ଟି ଯାହାକି 18 ମାସ ପର୍ଯ୍ୟନ୍ତ ବୈଧ ରହିଥିବ ଏବଂ ଯାହାର ମୂଲ୍ୟ ସର୍ବନିମ୍ନ ସ୍ଥିରିକୃତ ପରିମାଣ (MGQ) ର ଏକ ବର୍ଷର ରୟାଲିଟି ଯୁକ୍ତ ଅର୍ପିତ ଅତିରିକ୍ତ ମୂଲ୍ୟ (Offered additional charge) ଠାରୁ କମ୍ ହୋଇନଥିବ ଓ ଅନ୍ୟାନ୍ୟ ସ୍ଥାବର ସମ୍ପତ୍ତିର ପ୍ରମାଣପତ୍ର । (ନିର୍ଦ୍ଦିଷ୍ଟ ରାଶିଠାରୁ କମ୍ ହେବ ନାହିଁ )

   **(A Solvency Certificate or Bank Guarantee valid for a period of Eighteen Months for an amount of not less than the amount of additional charge offered plus the royalty payable for the MGQ for one whole year and a list of immovable properties from the Revenue Authority)**

   **Annexure-1** କ୍ରମାନୁସାରେ ସୈରାତ ଉତ୍ସ ଗୁଡ଼ିକୁ ନିଲାମକୁ ନିଆଯିବ । ଜଦି ଦରଖାସ୍ତ କାରି ଏକାଧିକ ସଇରାତ ଉତ୍ସ ନିମନ୍ତେ ଆବେଦନ କରିଥାନ୍ତି ତେବେ **Annexure-1** (ସଂଲଗ୍ନ) କ୍ରମ ଅନୁ ଯାୟୀ **Solvency Certificate** କିମ୍ବା **Bank Guarantee** ମୂଲ୍ୟକୁ ଗ୍ରହଣ କରାଯିବ ।
5. ଦରଖାସ୍ତ କାରୀ ଗତ ବର୍ଷର ଆୟକର ଧାଖଲ (Income Tax Filling ) ବିବରଣିର ନକଲ / GST Clearance Certificate ର ନକଲ ଦାଖଲ କରିବେ ।
6. ନିଜର ଭୋଟର ପରିଚୟ ପତ୍ର (EPIC/PAN Card/AADHAR Card).
7. ଦରଖାସ୍ତ କାରୀ ସୈରାତ ଉତ୍ସ Mining Plan, EC Preparation & Sairat Advertising Cost ସମସ୍ତ ଖର୍ଚ୍ଚ ବାବଦ ମୂଲ୍ୟ ଦେବାନେଇ ଏକ ସତ୍ୟପାଠ ଦାଖଲ କରିବେ ।
8. ଦରଖାସ୍ତ କାରୀ ସଇରାତ ଉତ୍ସ ନିମନ୍ତେ ଆବେଦନ କରିବା ପୁର୍ବରୁ ଉକ୍ତ ଉତ୍ସକୁ ପରିଦର୍ଶନ କରିଥିବାର ଏକ ସ୍ୱ ଘୋଷିତ ଲିଖିତ ନାମା ( Self Declaration ) ଦାଖଲ କରିବେ ।
9. ଦରଖାସ୍ତ କାରି ଲଫାପାର ଉପରି ଭାଗରେ ବଡ଼ ଅକ୍ଷରରେ କେଉଁ ସୈରାତ ଉତ୍ସ ନିମନ୍ତେ ଆବେଦନ କରୁଛନ୍ତି ଏବଂ ଆବେଦନ କାରିଙ୍କ ନାମ,ଠିକଣା ଓ ଫୋନ ନମ୍ବର ସ୍ପଷ୍ଟ ଭାବରେ ଉଲ୍ଲେଖ କରିବେ ।

Sd/- 03.03.22

<u>ସର୍ତ୍ତାବଳୀ</u>

1. ଆବେଦନକାରୀମାନେ ଲଘୁଖଣିଜ ଦ୍ରବ୍ୟ ରିହାତି ଆଇନ, 2016 ର ପରିସର ଭୁକ୍ତ ରହିବେ ।

2. ଲିଜ୍ ପାଇଁ ଆବେଦନ କରିବା ପୂର୍ବରୁ ଲଘୁ ଖଣିଜ ଖାଦାନ ଗୁଡିକ ପରିଦର୍ଶନ କରି ସୈରାତ ପରିଚାଳନା ପାଇଁ ଗମନାଗମନର ସୁବିଧା, ଗଛିତ ଥିବା ଖଣିଜ ପଦାର୍ଥ ଓ ଅନ୍ୟାନ୍ୟ ଆନୁସଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଲିଜ୍ ରେ ଅଂଶ ଗ୍ରହଣ କରିବେ ।

   **ଯେଉଁ ସୈରାତ ଉତ୍ସ ଗୁଡିକୁ ସରକାରୀ ରାସ୍ତା ନାହିଁ, ସେଥିରେ ଲିଜ୍ ନେଇଥିବା ବ୍ୟକ୍ତିବିଶେଷ ସୈରାତ ଉତ୍ସକୁ ଗମନାଗମନର ବ୍ୟବସ୍ଥା ନିଜ ଖର୍ଚ୍ଚ ଓ ଦାୟୀତ୍ବରେ କରିବେ । ଏଥିପାଇଁ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ କି ଏଥିପାଇଁ MGQ ଏବଂ Royalty ରେ କୌଣସି ରିହାତି କରାଯିବ ନାହିଁ । (ଯଥା ପଙ୍କଳବାଡ଼ି-B ସଇରାତ ବାଲି ଘାଟକୁ ଉପଯୁକ୍ତ ସରକାରୀ ରାସ୍ତା ନାହିଁ । ଉପଯୁକ୍ତ ରାସ୍ତା ନିର୍ଣ୍ଣୟ କରିବା ଲିଜ ନେଇଥିବା ବ୍ୟକ୍ତିବିଶେଷଙ୍କ ଦାୟିତ୍ବ ।)**

3. ପ୍ରଚଳିତ ନିୟମାବଳୀ ଅନୁଯାୟୀ Form - M ଉପରେ ଦର୍ଶିତ ଅତିରିକ୍ତ ମୂଲ୍ୟ (Additional Charge) କୁ ବିଚାରକୁ ନିଆଯାଇ ସର୍ବୋଚ୍ଚ ଅତିରିକ୍ତ ମୂଲ୍ୟ ଉଲ୍ଲେଖକାରୀଙ୍କୁ ଲିଜ୍ ପ୍ରଦାନ ନିମନ୍ତେ ଚୟନ କରାଯିବ । ଯଦି 1ରୁ ଅଧିକ ଦରଖାସ୍ତକାରୀ ସମାନ ସର୍ବୋଚ୍ଚ ମୂଲ୍ୟ ଉଲ୍ଲେଖ କରିଥିବେ ତେବେ ଲଟେରୀ ମାଧ୍ୟମରେ ଲିଜ୍ ଧାରୀଙ୍କ ନାମ ଚୟନ କରାଯିବ । ଯଦି କୌଣସି ଦରଖାସ୍ତକାରୀ ଧାର୍ଯ୍ୟ ଅତିରିକ୍ତ ମୂଲ୍ୟ (Additional Charge) କମ୍ ମୂଲ୍ୟ ଉଲ୍ଲେଖ କରିଥାନ୍ତି ତେବେ ସେହି ଦରଖାସ୍ତ ବିଚାରକୁ ନିଆଯିବ ନାହିଁ ।

4. ଲିଜ୍ ରେ ସୈରାତ ପରିଚାଳନା ସମ୍ପର୍କରେ ପରବର୍ତ୍ତି ସମୟରେ କୌଣସି ଅଭିଯୋଗ ଗ୍ରହଣ ହେବ ନାହିଁ କିମ୍ବା କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ, ଲିଜ୍ ଦିଆଯାଇଥିବା ଧାର୍ଯ୍ୟ ସମୟ ଭିତରେ କର୍ତ୍ତୃପକ୍ଷ କୌଣସି ପ୍ରାକୃତିକ ବିପର୍ଯ୍ୟୟ ପାଇଁ ଦାୟୀ ରହିବେ ନାହିଁ । ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ, 2016 ଆଧାରରେ ଏହା ପରିଚାଳିତ ହେବ ।

5. ଚୟନ ହୋଇଥିବା ଲିଜ୍ ଧାରୀଙ୍କୁ 7 ଦିନ ମଧ୍ୟରେ Form-F ଜରିଆରେ ତାଙ୍କ ଚୟନ ବିଷୟ ଓ ଲିଜ୍ ଜନିତ ସର୍ତ୍ତାବଳୀ ଜଣାଇ ଦିଆଯିବ ଏବଂ ଜଣାଇବାର 15 ଦିନ ମଧ୍ୟରେ ଚୟନକାରୀ ଯଦି ଏହା ତାଙ୍କୁ ଗ୍ରହଣୀୟ ହୁଏ, ତେବେ ସେ ଲିଖିତ ଭାବରେ ଜଣାଇବେ । ଏହା ସହିତ ଚୟନକାରୀ ଏକ ବର୍ଷର ସର୍ବନିମ୍ନ ସ୍ଥିରିକୃତ ଲଘୁଖଣିଜ ଦ୍ରବ୍ୟର ରୟାଲିଟିର ମୂଲ୍ୟ ଏବଂ ଅତିରିକ୍ତ ମୂଲ୍ୟ ଓ ଜିଲ୍ଲା ଖଣିଜ ପ୍ରତିଷ୍ଠାନଙ୍କୁ ଦେୟ ସର୍ବମୋଟ ମୂଲ୍ୟର ଏକ ଚତୁର୍ଥାଂଶ ଯାହା ହେବ, ସେଥିରୁ ପୂର୍ବରୁ ଡିପୋଜିଟ୍ କରିଥିବା EMD ବିୟୋଗ ପରର ମୂଲ୍ୟ ଯାହା ହେବ ତାକୁ ପଇଠ କରିବେ ଏବଂ ଏହି ପୈଠ ମୂଲ୍ୟ ସହ EMD ଡିପୋଜିଟ୍ ମୂଲ୍ୟକୁ ଏକତ୍ର ମିଶାଇଲେ ଯେଉଁ ରାଶି ହେବ ତାହା ସୁଧ ବିହୀନ ଅମାନତ ଜମା ବୋଲି ବିବେଚନା ହେବ ।

03.03.22

6. ଯଦି ସଫଳ ନିଲାମଧାରୀ (Successful bidder) ଉପର ବର୍ଣ୍ଣିତ ଅନୁଚ୍ଛେଦ (ପାରା) ଆଧାରରେ ଧାର୍ଯ୍ୟ ରୟାଲିଟି ମୂଲ୍ୟ ଇତ୍ୟାଦି ତଥା ଅମାନତ ରାଶି ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଦାଖଲ କରିବାରେ ଖିଲାପ କରନ୍ତି ତାହା ହେଲେ ତାଙ୍କ ଦ୍ବାରା ଦାଖଲ ହୋଇଥିବା EMD କୁ ବାଜ୍ୟାପ୍ତି କରାଯିବ ଓ ପରବର୍ତ୍ତି ଦ୍ବିତୀୟ ସର୍ବାଧିକ ଆବେଦନକାରୀଙ୍କୁ ଲିଜ୍ ପ୍ରଦାନ ପାଇଁ ଚୟନ କରାଯିବ । ନିଲାମଧାରୀ ଚୟନ ପରେ ଅକୃତକାର୍ଯ୍ୟ ନିଲାମଧାରୀମାନଙ୍କୁ ସେମାନଙ୍କ EMD ଫେରସ୍ତ କରାଯିବ ।

7. ସଫଳ ନିଲାମଧାରୀ (Successful bidder) ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ନିଜ ଖର୍ଚ୍ଚରେ Mining Plan ପ୍ରସ୍ତୁତ କରାଇବେ ଏବଂ ପରିବେଶ ମଞ୍ଜୁରୀ ସମ୍ବନ୍ଧୀୟ ଅନୁମତି ନିଜ ଖର୍ଚ୍ଚ ଓ ଦାୟୀତ୍ବରେ ହାସଲ କରିବେ । ଲିଜ ଧାରୀ ପରିବେଶ ମ୍ୟାନେଜମେଣ୍ଟ ପ୍ଲାନ୍ ସୁଚାରୁ ରୂପେ ପରିଚାଳନା କରିବା ପାଇଁ ଦାୟୀ ରହିବେ । ଯଦି କ୍ଷମତା ସମ୍ପନ୍ନ ଅଧୀକାରୀ ସରକାରୀ ଖର୍ଚ୍ଚରେ Mining Plan/Environment Clearance ପ୍ରସ୍ତୁତ କରିଥିବେ ତେବେ ଲିଜ୍ ଧାରୀ ସମସ୍ତ ଖର୍ଚ୍ଚ ବାବଦ ମୁଲ୍ୟ ସରକାରଙ୍କୁ ପଇଠ କରିବେ

8. ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ Mining Plan/Environment Clearance ପ୍ରାପ୍ତି ସମ୍ବନ୍ଧୀୟ କାଗଜାତ ଦାଖଲ ନକଲେ ଲିଜ୍ ଧାରୀଙ୍କ ଅମାନତ ରାଶି ବାଜ୍ୟାପ୍ତି କରାଯିବ । Environment Clearance ଭାରତ ସରକାରଙ୍କ ପରିବେଶ ଜଙ୍ଗଲ ଓ ଋତୁ ପରିବର୍ତ୍ତନ ବିଭାଗ, ବିଜ୍ଞାପନ ସଂଖ୍ୟା S.O.141(E) New Delhi Dt.15.01.16 ଦ୍ବାରା ନିର୍ଦ୍ଧାରିତ ହେବ । ସଫଳ ନିଲାମଧାରୀ ତାଙ୍କୁ ପ୍ରାପ୍ତ ହୋଇଥିବା ଖଣିର ରକ୍ଷଣାବେକ୍ଷଣ ଓ ବେଆଇନ ଖଣିଜ ଦ୍ରବ୍ୟ ଉତ୍ତୋଳନ ପାଇଁ ସଫଳ ନିଲାମଧାରୀଭାବେ ବିବେଚିତ ହେବା ଦିନ ଠାରୁ ଉତ୍ତରଦାୟୀ ରହିବେ ।

9. Mining Plan ରେ ଦର୍ଶାଯାଇଥିବା ଲଘୁ ଖଣିଜ ଦ୍ରବ୍ୟର ଉତ୍ତୋଳନ ପରିମାଣ ଯାହାକି MGQ ଠାରୁ କମ୍ ହୋଇନଥିବ ଏହାର ଧାର୍ଯ୍ୟ ରୟାଲିଟି, ଅତିରିକ୍ତ ଦେୟ DMF, EMF ଏବଂ Compensatory Afforestation, Dead Rent & Surface Rent ରାଶିକୁ Environment Clearance ଆଣିସାରିଲା ପରେ OMMC Rules, 2016 ଅନୁଯାୟୀ ଏକକାଳୀନ ପଇଠ କରିବେ । ନିୟମ ମୁତାବକ ସଫଳ ନିଲାମଧାରୀ ରାଜ୍ୟ ପ୍ରଦୁଷଣ ନିୟନ୍ତ୍ରଣ ପର୍ଷଦ (State Pollution Control Board) ଠାରୁ Consent to Operate (CTO) ଆଣିବାକୁ ପଡିବ । ସମସ୍ତ ନିୟମ ପାଳନ କରି ପ୍ରଥମ ବର୍ଷର ଧାର୍ଯ୍ୟ ରାଶି ପୈଠ କଲା ପରେ ସଫଳ ନିଲାମଧାରୀ ରେଜିଷ୍ଟ୍ରେସନ ଆକ୍ଟ 1908 ଓ ଷ୍ଟାମ୍ପ ଆକ୍ଟ 1999 ଅନୁଯାୟୀ ଚୁକ୍ତିପତ୍ର (Execution of Lease Deed)ସମ୍ପାଦନ କରିବେ ।

10. ଲିଜଧାରୀ ସରକାରଙ୍କ ଧାର୍ଯ୍ୟ ଅର୍ଥ Environment Management Fund ବାବଦକୁ ଦାଖଲ କରିବେ ।

11. ପ୍ରଚଳିତ ନିୟମ ଅନୁଯାୟୀ Schedule-I & II ର ଧାର୍ଯ୍ୟ ଦର ଲାଗୁ ହେବ ଏବଂ ଏହା ସରକାରଙ୍କ ଦ୍ବାରା ପରିବର୍ତ୍ତନ ହେବ ଓ ସମ୍ପୃକ୍ତ ଲିଜଧାରୀ ପରିବର୍ତ୍ତିତ ମୂଲ୍ୟରେ ଯଦି ବର୍ଦ୍ଧିତ ରୟାଲିଟି ଅନୁମୋଦିତ ରୟାଲିଟି ଠାରୁ ଅଧିକ ହୋଇଥାଏ, ତେବେ ତାହା ଦେବାକୁ ବାଧ୍ୟ ରହିବେ ।

12. ଲିଜଧାରୀଙ୍କୁ ପ୍ରତି ବର୍ଷ ସରକାରଙ୍କ ଦ୍ବାରା ଧାର୍ଯ୍ୟ ମୂଲ୍ୟର Dead Rent ଏବଂ Surface rent ଦେବାକୁ ପଡିବ ।

13. ଲିଜ୍ ଧାରୀ ଜିଲ୍ଲା ପ୍ରଶାସନକୁ ତାଙ୍କ ଦ୍ବାରା ସ୍ଥିରି କୃତ ଆନୁପାତିକ ମୂଲ୍ୟ, ଜଳସିଞ୍ଚନ ଓ ବନୀକରଣ ବାବଦରେ ପୈଠ କରିବେ ।

14. ଲିଜ ଧାରୀ ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ, 2016 ର ସମସ୍ତ ସର୍ତ୍ତାବଳୀ ମାନିବା ନିମନ୍ତେ ବାଧ ରହିବେ ।

15. ଲିଜ ଧାରୀ Mines Act, 1952 ଏବଂ Explosive Act, 1984 Pollution Act, Granite Conservation & Development Rules, 1999 ର ସମସ୍ତ ନିୟମ ଓ ନିୟମାବଳୀର ଅନ୍ତର୍ଭୁକ୍ତ ରହିବେ । ଲିଜଧାରୀ ଲଘୁ ଖଣିଜ ଦ୍ରବ୍ୟ ଉତ୍ତୋଳନ ତଥା ଚାଲଣ ସଂକ୍ରାନ୍ତୀୟ ସଠିକ ବିବରଣୀ ତ୍ରୟ ମାସିକ ରିଟର୍ଣ୍ଣ Form-P ଏବଂ ବାର୍ଷିକ ରିଟର୍ଣ୍ଣ Form-K ରେ ତହସିଲ କାର୍ଯ୍ୟାଳୟରେ ଦାଖଲ କରିବାକୁ ବାଧ ରହିବେ ।

16. ସରକାରଙ୍କ ଦ୍ବାରା ବିଭିନ୍ନ ସମୟରେ ଲଘୁ ଖଣିଜ ଦ୍ରବ୍ୟ ପରିଚାଳନା ସମ୍ବନ୍ଧୀୟ ଆଦେଶ ଗୁଡିକୁ ଲିଜ ଧାରୀ ମାନିବାକୁ ବାଧ । କ୍ଷମତା ସମ୍ପନ୍ନ ଅଧିକାରୀ ଖଣି ପରିଦର୍ଶନ ସମୟରେ ଖାଦାନ ସମ୍ବନ୍ଧୀୟ ସମସ୍ତ ରେକର୍ଡ ତନଖି କରିପାରିବେ ।

17. ଲିଜ ଧାରୀ ସୈରାତ ଉସର ସୀମା ନକ୍ସା ଅନୁଯାୟୀ 4 ଫୁଟର ଢଳେଇ ଖୁଣ୍ଟ(Concrete Pillar)ଦ୍ବାରା ଚିହ୍ନଟ କରିବେ ଏବଂ ସମ୍ମୁଖ ଭାଗରେ ଏକ Display Board ତିଆରି କରି ସେଥିରେ ସୈରାତ ଉସର ନକ୍ସା ସହ ନାମ ଲିଜ ଧାରୀଙ୍କ ନାମ ସମ୍ପୃକ୍ତ ବିବରଣୀ ସହ ଲିଜର ଅବଧି ଉଲ୍ଲେଖ କରିବେ । ଏ ସବୁ କାର୍ଯ୍ୟ ଲିଜ ଧାରୀ ନିଜ ଖର୍ଚ୍ଚରେ ବହନ କରିବେ । ପୁନଶ୍ଚ ଲିଜଧାରୀ ଖଣି ପରିଚାଳନା ଜନିତ କ୍ଷୟ କ୍ଷତି ସର୍ବସାଧାରଣଙ୍କ ଜୀବନହାନୀ ବା କ୍ଷତାକ୍ତ ପାଇଁ ଆବଶ୍ୟକୀୟ କ୍ଷୟକ୍ଷତି ସରକାରଙ୍କୁ ଭରଣା କରିବାକୁ ଦାୟୀ ରହିବେ ।

18. ସଫଳ ନିଲାମଧାରୀ (Successful Bidder) ନିୟମ ଅନୁସାରେ GST(Goods & Services Tex) ରେ ରେଜିଷ୍ଟ୍ରୀଭୁକ୍ତ ହେବାକୁ ପଡ଼ିବ (Letter No: 38566/R&DM, Govt. of Odisha Dated 21.12.2021)

19. ଉପରୋକ୍ତ ସମସ୍ତ ସର୍ତ୍ତାବଳୀ ପୂରଣ ହେଲା ପରେ କାର୍ଯ୍ୟାଦେଶ ଦିଆଯିବ, କ୍ଷମତା ସମ୍ପନ୍ନ ଅଧିକାରୀଙ୍କ ଠାରୁ କାର୍ଯ୍ୟାଦେଶ ନ ମିଳିବା ପର୍ଯ୍ୟନ୍ତ ଲିଜଧାରୀ ସୈରାତ ଉସରୁ ଲଘୁ ଖଣିଜ ଉଠାଇ ପାରିବେ ନାହିଁ । ଏଥିରେ ଖିଲାପ ହେଲେ OMMC Rule, 2016 ଅନୁଯାୟୀ ଦଣ୍ଡିତ ହେବେ ।

20. ଯଦି ଉକ୍ତ ଉସ୍ତାହାରରେ କୌଣସି ତ୍ରୁଟି ବିଚ୍ୟୁତି ପରିଲକ୍ଷିତ ହୁଏ ତେବେ ତାହା ସଂଶୋଧନ କରିବାର କ୍ଷମତା କ୍ଷମତା ସମ୍ପନ୍ନ ଅଧିକାରୀଙ୍କର ରହିଅଛି । ଅନିବାର୍ଯ୍ୟ କାରଣ ବଶତଃ କ୍ଷମତା ସମ୍ପନ୍ନ ଅଧିକାରୀ ନିଲାମ ପ୍ରକ୍ରିୟାକୁ ସ୍ଥଗିତ ରଖିପାରିବେ କିମ୍ବା ବାତିଲି କରିପାରିବେ ।

21. କ୍ଷମତା ପ୍ରାପ୍ତ ଅଧୀକାରୀ ଲିଜ୍ ଅବଧୀ ମଧ୍ୟରେ ଯେ କୌଣସି ସମୟରେ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ (MGQ) ଏବଂ ଅତିରିକ୍ତ ଦେୟ (Additional Charge ) ସଂଶୋଧନ କରିପାରିବେ ।

22. ସୈରାତ ଉସ ଓ ନିଲାମ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ତହସିଲ କାର୍ଯ୍ୟାଳୟ, ଧରାକୋଟ (ଛୁଟିଦିନ ବ୍ୟତୀତ) ସମସ୍ତ କାର୍ଯ୍ୟ ଦିବସରେ ମିଳିପାରିବ ଓ ଏହି ସମ୍ବନ୍ଧୀୟ ସମ୍ପୂର୍ଣ୍ଣ ସର୍ତ୍ତାବଳୀ www.ganjam.nic.in ରେ ଉପଲବ୍ଧ ହେବ ।

ବି.ଦ୍ର. ସୈରାତ ଉତ୍ସର ସାରଣୀ ଏଥି ସହିତ **Annexure-I** ସଂଲଗ୍ନ ହୋଇଅଛି ।

## Annexure-I

| କ୍ରମିକ ନଂ | ସୈରାତ କେସ ନଂ | ସୈରାତ ଉତ୍ସର ନାମ | ମୌଜାର ନାମ | ଖାତା ନଂ | ପ୍ଲଟ ନଂ | କିସମ | ରକବା (ଏକର ରେ ) | ରୟାଲଟି ମୂଲ୍ୟର ପରିମାଣ(Per CuM) | ଅତିରିକ୍ତ ଧାର୍ଯ୍ୟର ମୂଲ୍ୟ (Additional Charge Per CuM) | MGQ / Per Year (In CuM) | EMD in Rs. |
|---|---|---|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 | 12 |
| 1 | 4/2021-22 | ଢାକିବିଲି ପଥର ଖଣି | ଢାକିବିଲି | 413 | 2960 | ପର୍ବତ | Ac 2.780 | Rs.130.00 | Rs.100.00 | ପ୍ରଥମ ବର୍ଷ- 5500 | Rs. 63250 |
| 2 | 8/2020-21 | ଆଠଘରିଆ ପଥର ଖଣି | ଆଠଘରିଆ | 90 | 1798 | ପର୍ବତ | Ac 10.500 | Rs.130.00 | Rs.100. 00 | ପ୍ରଥମ ବର୍ଷ- 5600 | Rs. 64400 |
| 3 | 2/2017-18 | କଣଭାଗ ପଥର ଖଣି | କଣଭାଗ | 125 | 1541 | ପଥରବଣି | Ac 5.000 | Rs.130.00 | Rs.100. 00 | ପ୍ରଥମ ବର୍ଷ- **1800**<br>(2ୟ ବର୍ଷ-2000<br>3ୟ ବର୍ଷ-2200<br>4ର୍ଥ ବର୍ଷ-2420<br>5ମ ବର୍ଷ-2680) | Rs. 20700 |
| 4 | 11/2021-22 | ପୁତୁ ପଥର ଖଣି | ପୁତୁ | 433 | 2020 | ପର୍ବତ | Ac 5.000 | Rs.130.00 | Rs.100. 00 | ପ୍ରଥମ ବର୍ଷ- 2800 | Rs. 32200 |
| 5 | 7/2020-21 | ଲକ୍ଷ୍ମୀପୁର ବାଲି ଉତ୍ସ | ଲକ୍ଷ୍ମୀପୁର | 189 | 302 & 580 | ନଦୀ | Ac. 6.185 & Ac. 6.774 | Rs. 35.00 | Rs. 120.00 | ପ୍ରଥମ ବର୍ଷ- 11000 | Rs. 85250 |
| 6 | 6/2020-21 | ଜାହାଡ଼ା ବାଲି ଉତ୍ସ | ଜାହାଡ଼ା | 861 | 5680 & 5681 | ନଦୀ | Ac. 9.414 & Ac. 9.374 | Rs. 35.00 | Rs. 120.00 | ପ୍ରଥମ ବର୍ଷ- 10000 | Rs. 77500 |
| 7 | 5/2020-21 | କପିଳାସ ବାଲି ଉତ୍ସ | କପିଳାସ | 201 | 391 | ନଦୀ | Ac. 13.635 | Rs. 35.00 | Rs. 120.00 | ପ୍ରଥମ ବର୍ଷ- 12000 | Rs. 93000 |
| 8 | 10/2021-22 | ପଙ୍କଳବାଡ଼ୀ-B ବାଲି ଉତ୍ସ | ପଙ୍କଳବାଡ଼ୀ | 319 | 1837 & 2231 | ନଦୀ | Ac 4.682 & Ac. 8.000 | Rs. 35.00 | Rs. 120.00 | ପ୍ରଥମ ବର୍ଷ- 16000 | Rs. 124000 |
| 9 | 2/2020-21 | ନଡାପଲ୍ଲୀ ମୁରୁମ ଖଣି | ନଡାପଲ୍ଲୀ | 47 | 474 | ପର୍ବତ | Ac 2.000 | Rs.35.00 | Rs.70 .00 | ପ୍ରଥମ ବର୍ଷ- 6000 | Rs. 31500 |

ବି ଦ୍ର – ସମସ୍ତ ସୈରାତ ଉତ୍ସ ପାଇଁ ପ୍ରଥମ ବର୍ଷର MGQ ଉପରେ EMD, Solvency Certificate / Bank Guarantee ମୁଲ୍ୟକୁ ବିଚାରକୁ ନିଆଯିବ ।

03.03.22

ତହସିଲଦାର,ଧରାକୋଟ

ପତ୍ର ସଂଖ୍ୟା - ୭୩୬

ତା – ୦୩.୦୩.୨୦୨୨ ରିଖ

ଏହାର ଏକକିତା ନକଲ ଜିଲ୍ଲାପାଳ, ଗଞ୍ଜାମ /ଉପଜିଲ୍ଲାପାଳ,ଭଞ୍ଜନଗର ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା

03.03.22

ତହସିଲଦାର,ଧରାକୋଟ

ପତ୍ର ସଂଖ୍ୟା - ୭୩୭ ତା – ୦୩.୦୩.୨୦୨୨ ରିଖ

ଏହାର ଏକକିତା ନକଲ NIC, Ganjam ଙ୍କ ଅବଗତି ତଥା ଗଞ୍ଜାମ ଜିଲ୍ଲା Web Site ରେ ଉପଲବ୍ଧ କରିବା ନିମନ୍ତେ ପ୍ରେରଣ କରାଗଲା ।

03.03.22

ତହସିଲଦାର,ଧରାକୋଟ

ପତ୍ର ସଂଖ୍ୟା. - ୭୩୮ ତା - ୦୩.୦୩.୨୦୨୨ ରିଖ

ଏହାର ଏକକିତା ନକଲ ଭାରାପ୍ରାପ୍ତ ଅଧୀକାରୀ ଧରାକୋଟ ପୋଲିସ୍ ଷ୍ଟେସନ ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

03.03.22

ତହସିଲଦାର,ଧରାକୋଟ

ପତ୍ର ସଂଖ୍ୟା. - ୭୩୯ ତା - ୦୩.୦୩.୨୦୨୨ ରିଖ

ଏହାର ଏକକିତା ନକଲ ଗୋଷ୍ଠିଉନ୍ନୟନ ଅଧୀକାରୀ, ଧରାକୋଟ ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

03.03.22

ତହସିଲଦାର,ଧରାକୋଟ

ପତ୍ର ସଂଖ୍ୟା - ୭୪୦ ତା - ୦୩.୦୩.୨୦୨୨ ରିଖ

ଏହାର ଏକକିତା ନକଲ ସର୍ବସାଧାରଣଙ୍କ ଅବଗତି ଓ ବହୁଳ ପ୍ରସାର ପାଇଁ ତହସିଲ କାର୍ଯ୍ୟାଳୟ ନୋଟିସ୍ ବୋର୍ଡ, ଧରାକୋଟ ଓ ଢଉଗାଁ/ ଧରାକୋଟ/ ଜାହାଡ଼ା/ ଜଗମୋହନ/ ଝାଡ଼ବନ୍ଧ/ ବରଡ଼ାବାଲି / ସରଧାପୁର ପଞ୍ଚାୟତ କାର୍ଯ୍ୟାଳୟ ନୋଟିସ ବୋର୍ଡ / ସମସ୍ତ ରାଜସ୍ୱ ନିରୀକ୍ଷକଙ୍କ ନୋଟିସ ବୋର୍ଡ ଓ ଦୁଇଗୋଟି ଦୈନିକ ସମ୍ବାଦପତ୍ରରେ ବହୁଳ ଭାବେ ପ୍ରକାଶିତ କରିବା ପାଇଁ ପ୍ରେରଣ କରାଗଲା ।

03.03.22

ତହସିଲଦାର,ଧରାକୋଟ